# NATIONAL NEWS BULLETIN (ODIA)
## 17th May - 2024
## Morning Bulletin : 7.15 a.m.

**********************************

ଆକାଶବାଣୀ..... ସମ୍ବାଦ ପଢୁଛନ୍ତି..... **ଆଶୁତୋଷ ପତି**

## ମୁଖ୍ୟ ସମ୍ବାଦ

- ଆସନ୍ତା ଜୁନ୍ ପହିଲାରେ ଅନୁଷ୍ଠିତ ହେବାକୁ ଥିବା ସପ୍ତମ ତଥା ଶେଷ ପର୍ଯ୍ୟାୟ ନିର୍ବାଚନ ପାଇଁ ଆଜି ହେଉଛି ପ୍ରାର୍ଥୀପତ୍ର ପ୍ରତ୍ୟାହାରର ଶେଷ ଦିନ।

- ଆନ୍ଧ୍ରପ୍ରଦେଶରେ ନିର୍ବାଚନ ପରବର୍ତ୍ତୀ ହିଂସା ପ୍ରସଙ୍ଗରେ ନିର୍ବାଚନ ଆୟୋଗଙ୍କ କଡ଼ା ଆଭିମୁଖ୍ୟ ଗ୍ରହଣ ।

- ଦେଶର ବିଭିନ୍ନ ସ୍ଥାନରେ ଆଜି ପ୍ରଚାର କରିବେ ବିଜେପିର ବରିଷ୍ଠ ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ।

- ଭାରତୀୟ ସମୁଦ୍ରସୀମାରେ ବେଆଇନ ଭାବେ ମାଛ ମାରୁଥିବା ଶ୍ରୀଲଙ୍କାର ୫ଟି ମାଛଧରା ବୋଟ୍‌କୁ ଜବତ କରିଛି ଭାରତୀୟ ତଟରକ୍ଷୀ ବାହିନୀ।

ଏବଂ

- ଆଇ.ପି.ଏଲ୍. କ୍ରିକେଟ୍‌ରେ ଆଜି ମୁମ୍ବାଇ ଇଣ୍ଡିଆନ୍ସ ଓ ଲକ୍ଷ୍ନୌ ସୁପର ଜାଏଣ୍ଟସ ମଧ୍ୟରେ ହେବ ମୁକାବିଲା ।

## ସେଭେନ୍ଥ ଫେଜ୍ ଇଲେକସନ୍

ଆସନ୍ତା ଜୁନ୍ ପହିଲାରେ ଅନୁଷ୍ଠିତ ହେବାକୁ ଥିବା ସପ୍ତମ ତଥା ଶେଷ ପର୍ଯ୍ୟାୟ ନିର୍ବାଚନ ପାଇଁ ଆଜି ହେଉଛି ପ୍ରାର୍ଥୀପତ୍ର ପ୍ରତ୍ୟାହାରର ଶେଷ ଦିବସ। ବୁଧବାର ଦିନ ପ୍ରାର୍ଥୀପତ୍ର ଗୁଡ଼ିକର ଯାଞ୍ଚ ପ୍ରକ୍ରିୟା ଶେଷ ହୋଇଛି। ଏହି ପର୍ଯ୍ୟାୟରେ ୭ଟି ରାଜ୍ୟ ଏବଂ ଗୋଟିଏ କେନ୍ଦ୍ର ଶାସିତ ଅଞ୍ଚଳର ୫୭ଟି ଲୋକସଭା ଆସନ ପାଇଁ ମତଗ୍ରହଣ କରାଯିବ । ସେଥିମଧ୍ୟରେ ଉତ୍ତରପ୍ରଦେଶ ଓ ପଞ୍ଜାବର ୧୩ଟି ଲେଖାଏଁ, ପଶ୍ଚିମବଙ୍ଗର ୯ଟି, ବିହାରର ୮ଟି, ଓଡ଼ିଶାର ୬ଟି, ହିମାଚଳ ପ୍ରଦେଶର ୪ଟି, ଝାଡ଼ଖଣ୍ଡର ୩ଟି ଏବଂ ଚଣ୍ଡିଗଡ଼ କେନ୍ଦ୍ରଶାସିତ ଅଞ୍ଚଳର ଗୋଟିଏ ଆସନ ଅନ୍ତର୍ଭୁକ୍ତ ।

ଏହି ପର୍ଯ୍ୟାୟରେ ଓଡ଼ିଶାର ମୟୂରଭଞ୍ଜ, ବାଲେଶ୍ୱର, ଜଗତସିଂହପୁର, କେନ୍ଦ୍ରାପଡ଼ା, ଭଦ୍ରକ ଏବଂ ଯାଜପୁର ସଂସଦୀୟ କ୍ଷେତ୍ର ସମେତ ଏହା ଅନ୍ତର୍ଗତ ୪୨ଟି ବିଧାନସଭା ଆସନ ପାଇଁ ଭୋଟ ଗ୍ରହଣ କରାଯିବ ।

## ଇ.ସି.ଆଇ. - ପୋଲ୍ ଭାଓଲେନ୍ସ

ଆନ୍ଧ୍ରପ୍ରଦେଶରେ ନିର୍ବାଚନ ପରବର୍ତ୍ତୀ ହିଂସା ପ୍ରସଙ୍ଗରେ ନିର୍ବାଚନ ଆୟୋଗ କଡ଼ା ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଆୟୋଗ ଆନ୍ଧ୍ରପ୍ରଦେଶର ମୁଖ୍ୟ ଶାସନ ସଚିବ ଓ ପୁଲିସ ମହାନିର୍ଦ୍ଦେଶକଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଭୋଟ୍ ଗଣତି ପରେ ମଧ୍ୟ ଆନ୍ଧ୍ରପ୍ରଦେଶରେ ୨୫ଟି କେନ୍ଦ୍ରୀୟ ସଶସ୍ତ୍ର ପୁଲିସ ବାହିନୀ କମ୍ପାନୀ ରଖିବାକୁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟକୁ ନିର୍ଦ୍ଦେଶ ଦିଆଯାଇଛି।

ଗତକାଲି ନୂଆଦିଲ୍ଲୀରେ ଆନ୍ଧ୍ରପ୍ରଦେଶର ମୁଖ୍ୟ ଶାସନ ସଚିବ ଓ ପୁଲିସ୍ ମହାନିର୍ଦ୍ଦେଶକଙ୍କ ସହ ବୈଠକରେ ମୁଖ୍ୟ ନିର୍ବାଚନ କମିଶନର ରାଜୀବ କୁମାର, ନିର୍ବାଚନ କମିଶନର ଜ୍ଞାନେଶ କୁମାର ଓ ସୁଖବୀର ସିଂହ ସାନ୍ଧୁ ଆନ୍ଧ୍ରପ୍ରଦେଶରେ ନିର୍ବାଚନ ପରବର୍ତ୍ତୀ ହିଂସାକୁ ନେଇ ନିଜର ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ନିର୍ବାଚନ ପରବର୍ତ୍ତୀ ହିଂସାକୁ ରୋକିବାରେ ପ୍ରଶାସନ ବିଫଳ ହେବାର କାରଣ ବ୍ୟକ୍ତିଗତ ଭାବେ ଜଣାଇବା ପାଇଁ ଆୟୋଗ ଆନ୍ଧ୍ରପ୍ରଦେଶର ମୁଖ୍ୟ ଶାସନ ସଚିବ ଓ ଡିଜିପିଙ୍କୁ ନୂଆଦିଲ୍ଲୀ ଡକାଇଥିଲେ।

## ପି.ଏମ୍. ଇଣ୍ଟରଭ୍ୟୁ

ବି.ଜେ.ପି. ବରିଷ୍ଠ ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ନିର୍ବାଚନ ଆୟୋଗ ସମଗ୍ର ବିଶ୍ୱ ପାଇଁ ଏକ ଉତ୍କୃଷ୍ଟ ଉଦାହରଣ । ଦିଲ୍ଲୀର

ଏକ ମିଡିଆ ହାଉସକୁ ସାକ୍ଷାତକାର ଦେଇ ସେ କହିଛନ୍ତି, ନିର୍ବାଚନ ଆୟୋଗର ଉଦାହରଣମୂଳକ କାର୍ଯ୍ୟକୁ ବିଶ୍ୱ ଆଗରେ ପ୍ରଦର୍ଶନ କରିବା ତାଙ୍କ ସରକାରଙ୍କ ଦାୟିତ୍ୱ । ସେ ଆହୁରି ମଧ୍ୟ କହିଛନ୍ତି, ଗଣତନ୍ତ୍ରରେ ନିର୍ବାଚନକୁ କେବଳ ହାରିବା କିମ୍ବା ଜିତିବା ଭିତରେ ସୀମିତ ରଖିବା ଉଚିତ ନୁହେଁ । ନିର୍ବାଚନ ଏକ ଦଳର ବାର୍ତ୍ତାକୁ ସିଧାସଳଖ ଲୋକଙ୍କ ନିକଟରେ ପହଞ୍ଚାଇବାର ସୁଯୋଗ ପ୍ରଦାନ କରିଥାଏ।

କଂଗ୍ରେସକୁ ଲକ୍ଷ୍ୟ କରି ଶ୍ରୀ ମୋଦି କହିଛନ୍ତି, କଂଗ୍ରେସ ପାଇଁ ଗଣତନ୍ତ୍ରର ଅର୍ଥ ହେଉଛି କ୍ଷମତାରେ ରହିବା । କଂଗ୍ରେସ ଦଳର ସଦସ୍ୟମାନଙ୍କ ଉପରେ ଗାନ୍ଧି ପରିବାରର ପାରମ୍ପରିକ ଶାସନ ଦାୟିତ୍ୱ ଏକ ବୋଝ ବୋଲି ସେ ଅଭିଯୋଗ କରିଛନ୍ତି।

## ପି.ଏମ୍. - ର୍ୟାଲୀ

ବିଜେପିର ବରିଷ୍ଠ ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଲଗାତାର ଦ୍ୱିତୀୟ ଦିନରେ ଉତ୍ତରପ୍ରଦେଶରେ ପ୍ରଚାର କରିବେ। ସେ ଆଜି ବାରବାଙ୍କୀ, ଫତେପୁର ଏବଂ ହମିରପୁର ନିର୍ବାଚନ ମଣ୍ଡଳୀରେ ରାଲିକୁ ସମ୍ବୋଧିତ କରିବେ।

ରାଏବରେଲିରେ ବରିଷ୍ଠ ବିଜେପି ନେତା ତଥା ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ଏକ ରାଜନୈତିକ ରାଲିକୁ ସମ୍ବୋଧିତ କରିବେ।

ଆଜି ରାୟବରେଲିରେ ରାହୁଲ ଗାନ୍ଧି. ପ୍ରିୟଙ୍କା ଗାନ୍ଧୀ ଏବଂ ସମାଜବାଦୀ ପାର୍ଟି ମୁଖ୍ୟ ଅଖିଳେଶ ଯାଦବ ମିଳିତ ଭାବେ ଏକ ରାଲିକୁ ସମ୍ବୋଧିତ କରିବେ।

ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ବଳରାମପୁର, ବାରବାଙ୍କୀ, ଲକ୍ଷ୍ନୌ ଓ ଅଯୋଧ୍ୟାରେ ପ୍ରଚାର କରିବେ ଏବଂ ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ ମୋହନ ଯାଦବ ମଧ୍ୟ ଗଙ୍ଗେଦି ବିଧାନସଭା ଆସନରେ ପ୍ରଚାର କରିବେ।

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ଆଜି ଉତ୍ତର ପ୍ରଦେଶର ରାୟବରେଲ, ଝାଡ଼ଖଣ୍ଡ ଏବଂ ଓଡ଼ିଶାର ରାଉରକେଲାରେ ନିର୍ବାଚନ ପ୍ରଚାର କରିବାର କାର୍ଯ୍ୟସୂଚୀ ରହିଛି ।

## ଓଡ଼ିଶା କ୍ୟାମ୍ପେନ୍

ଓଡ଼ିଶାରେ ଉଭୟ ଲୋକସଭା ଓ ବିଧାନସଭା ନିର୍ବାଚନର ଅବଶିଷ୍ଟ ୩ଟି ପର୍ଯ୍ୟାୟ ପାଇଁ ଜୋର୍‌ଦାର୍ ପ୍ରଚାର ଚାଲିଛି। ବିଜେପି, କଂଗ୍ରେସ ଓ ବିଜେଡିର ବରିଷ୍ଠ ନେତାମାନେ ନିଜ ଦଳୀୟ ପ୍ରାର୍ଥୀଙ୍କ ପାଇଁ ଭୋଟରଙ୍କୁ

ଆକୃଷ୍ଟ କରିବା ପାଇଁ ନିର୍ବାଚନୀ ସଭା ଓ ରୋଡ୍ ସୋ କରୁଛନ୍ତି। ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେପି ନଡ୍ଡା ଭୁବନେଶ୍ୱରରେ ଏକ ମେଗା ରୋଡ୍ ସୋ କରିବା ସହ ସୁନ୍ଦରଗଡ଼ ଓ ବରଗଡ଼ ଲୋକସଭା ନିର୍ବାଚନ ମଣ୍ଡଳୀରେ ଦୁଇଟି ରାଲିକୁ ସମ୍ବୋଧିତ କରିଛନ୍ତି। ବିଜେଡି ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଧ୍ୟ ଗତକାଲି ସନ୍ଧ୍ୟାରେ ଭୁବନେଶ୍ୱରରେ ରୋଡ୍ ସୋ' କରିଛନ୍ତି। କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡଗେ ଭୁବନେଶ୍ୱରରେ ଏକ ସାମ୍ବାଦିକ ସମ୍ମିଳନୀ କରି ଯୁବକମାନଙ୍କୁ ନିଯୁକ୍ତି ଦେଇ ପାରୁ ନ ଥିବାରୁ ବିଜେଡି ସରକାରକୁ ସମାଲୋଚନା କରିଛନ୍ତି। ଓଡ଼ିଶାବାସୀଙ୍କୁ ବୋକା ବନାଇବା ପାଇଁ ଉଭୟ ବିଜେଡି ଓ ବିଜେପିର କୌଶଳ ରହିଛି ଏବଂ କଂଗ୍ରେସ ହିଁ ଏକମାତ୍ର ବିକଳ୍ପ ଯାହା ରାଜ୍ୟକୁ ସମୃଦ୍ଧି ଆଡକୁ ନେଇପାରିବ ବୋଲି ଶ୍ରୀ ଖଡ୍‌ଗେ କହିଛନ୍ତି। ଗତକାଲି ଅପରାହ୍ନରେ କନ୍ଧମାଳ ସଂସଦୀୟ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଫୁଲବାଣୀରେ ସେ ଏକ ସାଧାରଣ ସଭାକୁ ସମ୍ବୋଧିତ କରିଥିଲେ। ବରଗଡ଼, ସୁନ୍ଦରଗଡ଼, ବଲାଙ୍ଗୀର, କନ୍ଧମାଳ ଓ ଆସିକା ଲୋକସଭା ନିର୍ବାଚନ ମଣ୍ଡଳୀ ସମେତ ସେମାନଙ୍କ ଅଧୀନରେ ଆସୁଥିବା ୩୫ଟି ବିଧାନସଭା ଆସନପାଇଁ ଆସନ୍ତା ୨୦ ତାରିଖରେ ମତଦାନ ହେବ। ଆସନ୍ତାକାଲି ଏହି ସବୁ ଆସନ ପାଇଁ ପ୍ରଚାର ଶେଷ ହେବ।

# ପଞ୍ଜାବ - କେଜରିୱାଲ୍

ଆମ୍ ଆଦମୀ ପାର୍ଟିର ରାଷ୍ଟ୍ରୀୟ ସଂଯୋଜକ ତଥା ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ ଗତକାଲି ସନ୍ଧ୍ୟାରେ ଅମୃତସରରୁ ଦଳର ଲୋକସଭା ନିର୍ବାଚନ ପ୍ରଚାର ଆରମ୍ଭ କରିଛନ୍ତି। ପଞ୍ଜାବ ମୁଖ୍ୟମନ୍ତ୍ରୀ ଭଗବନ୍ତ ସିଂହ ମାନ୍’ଙ୍କ ସହ ସେ ଅମୃତସର ସହରରେ ଏକ ରୋଡ୍ ସୋ କରିଥିଲେ ଏବଂ ରାଜ୍ୟର ସମସ୍ତ ୧୩ଟି ଆସନରେ ଆମ୍ ଆଦମୀ ପାର୍ଟିକୁ ବିଜୟୀ କରାଇବା ପାଇଁ ଜନସାଧାରଣଙ୍କୁ ନିବେଦନ କରିଥିଲେ। ଜେଲରୁ ବାହାରିବା ପରେ ସେ ତୁରନ୍ତ ପଞ୍ଜାବ ଆସିଥିବା କହିଛନ୍ତି। ସେ ଜେଲରେ ଥିବା ସମୟରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାନ୍’ଙ୍କଠାରୁ ପଞ୍ଜାବ ଏବଂ ଏହାର ଲୋକମାନଙ୍କ ବିଷୟରେ ପଚାରି ବୁଝୁଥିଲେ ।

ରୋଡ୍ ସୋ’ ପୂର୍ବରୁ ଉଭୟ ନେତା ସ୍ୱର୍ଣ୍ଣ ମନ୍ଦିର ଓ ଦୁର୍ଗିଆନା ମନ୍ଦିରରେ ପୂଜାର୍ଚ୍ଚନା କରିବା ସହ ପଞ୍ଜାବର ଶାନ୍ତି ଓ ସମୃଦ୍ଧି ପାଇଁ ପ୍ରାର୍ଥନା କରିଥିଲେ।

## ଏନ୍.ଟି.ଏ. - ସି.ୟୁ.ଇ.ଟି.

ସିୟୁଇଟି (ୟୁଜି) - ୨୦୨୪ ପରୀକ୍ଷା ଗତ ବୁଧବାରଠାରୁ ବିଦେଶର ୨୬ଟି ସହର ସମେତ ମୋଟ୍ ୨ ହଜାର ୧୫୭ଟି ପରୀକ୍ଷା କେନ୍ଦ୍ରରେ ଆରମ୍ଭ ହୋଇଛି। ଗତକାଲି ସିୟୁଇଟି (ୟୁଜି)ର ଦ୍ୱିତୀୟ ଦିନରେ ଦେଶ ବିଦେଶର ପ୍ରାୟ ୧ ହଜାର ୫୭୮ଟି ପରୀକ୍ଷା କେନ୍ଦ୍ରରେ ପରୀକ୍ଷା ଅନୁଷ୍ଠିତ ହୋଇଥିଲା।

ପ୍ରଥମ ଦିନରେ ଏନଟିଏ ୨୫ ଲକ୍ଷ ୯୧ ହଜାରରୁ ଅଧିକ କମ୍ବିନେସନର ସଫଳ ପରୀକ୍ଷଣ କରି ମୋଟ ପରୀକ୍ଷାର ୪୪ ଦଶମିକ ୭/୧ ପ୍ରତିଶତ ପୂରଣ କରିଛି।

ଗତ ଦୁଇ ଦିନରେ ସିୟୁଇଟି (ୟୁଜି) - ୨୦୨୪ ପରୀକ୍ଷାରେ ୭୨ ପ୍ରତିଶତ ଉପସ୍ଥାନ ହୋଇଛି।

## କୋଷ୍ଟଗାର୍ଡ୍ - ଫିଶିଙ୍ଗ୍ ବୋଟ୍

ଭାରତୀୟ ସମୁଦ୍ରସୀମାରେ ବେଆଇନ ଭାବେ ମାଛ ଧରୁଥିବା ଶ୍ରୀଲଙ୍କାର ୫ଟି ବୋଟ୍‌କୁ ଭାରତୀୟ ତଟରକ୍ଷୀ ବାହିନୀ ଜବତ କରିଛି। ପାକ୍ ଷ୍ଟ୍ରେଟ୍ ନିକଟରେ ପାଟ୍ରୋଲିଂ କରୁଥିବା ଭାରତୀୟ ତଟରକ୍ଷୀ ବାହିନୀର ଜାହାଜ ରାଣୀ

ଦୁର୍ଗାବତୀ ତାମିଲନାଡୁ ଉପକୂଳର ପଏଣ୍ଟ କାଲିମେରେଠାରୁ ପ୍ରାୟ ୧୫ ମାଇଲ ଦୂରରେ ସନ୍ଦେହଜନକ ବୋଟ୍‌ଗୁଡ଼ିକୁ ଦେଖିଥିଲେ। ସମସ୍ତ ପାଞ୍ଚଟି ବୋଟ୍ ମାଛ ଧରିବାରେ ସକ୍ରିୟ ଭାବରେ ନିୟୋଜିତ ଥିଲା । ଏମ୍.ଜି.ଆଇ. ଆକ୍ଟ ୧୯୭୬ ଉଲ୍ଲଂଘନ ଅଭିଯୋଗରେ ୫ଟି ବୋଟ୍ ସମେତ ୧୪ ଜଣ ଶ୍ରୀଲଙ୍କା ନାଗରିକଙ୍କୁ ଗିରଫ କରାଯାଇଛି। ପରବର୍ତ୍ତୀ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ବୋଟ୍ ଏବଂ କର୍ମଚାରୀମାନଙ୍କୁ ନାଗପଟ୍ଟିନମର କୋଷ୍ଟାଲ ସିକ୍ୟୁରିଟି ଗ୍ରୁପକୁ ହସ୍ତାନ୍ତର କରାଯିବ।

## ତ୍ରିନିଦାଦ୍ ପି.ଏମ୍. - ମୁମ୍ବାଇ ଭିଜିଟ୍

ତ୍ରିନିଦାଦ ଏବଂ ଟୋବାଗୋ'ର ପ୍ରଧାନମନ୍ତ୍ରୀ ଡକ୍ଟର କିଥ୍ କ୍ରିଷ୍ଟୋଫର ରୋଲେ ଭାରତ ସହ ଦ୍ୱିପାକ୍ଷିକ ସମ୍ପର୍କକୁ ପ୍ରୋତ୍ସାହିତ କରିବା ଏବଂ ତ୍ରିନିଦାଦରେ ଏକ କ୍ରିକେଟ ଏକାଡେମୀ ଖୋଲିବା ପ୍ରସଙ୍ଗରେ ଆଲୋଚନା କରିବା ପାଇଁ ମୁମ୍ବାଇ ଗସ୍ତରେ ଅଛନ୍ତି । ମହାରାଷ୍ଟ୍ର ରାଜ୍ୟପାଳ ରମେଶ ବାଇସ୍ ଏବଂ ଶ୍ରୀମତୀ ରାମବାଇ ବାଇସ୍ ଗତକାଲି ରାଜଭବନରେ ଡକ୍ଟର କିଥ୍ କ୍ରିଷ୍ଟୋଫର ରାଉଲି ଏବଂ ତାଙ୍କ ପତ୍ନୀ ଶ୍ୟାରୋନ୍ ରାଉଲିଙ୍କୁ ଆନୁଷ୍ଠାନିକ ସ୍ୱାଗତ କରିଥିଲେ।

ଏହି ଅବସରରେ ଡ. କିଥ୍ ରୋଲି କହିଛନ୍ତି, ଭାରତର ସ୍ୱାଧୀନତା ତ୍ରିନିଦାଦ ଓ ଟୋବାଗୋର ସ୍ୱାଧୀନତା ପାଇଁ ପଥ ପ୍ରଶସ୍ତ କରିଛି। ଭାରତ ସହ ସମ୍ପର୍କକୁ ଆହୁରି ସୁଦୃଢ଼ କରିବାର ଆବଶ୍ୟକତା ପ୍ରକାଶ କରି ସେ କହିଛନ୍ତି, ତ୍ରିନିଦାଦ ଓ ଟୋବାଗୋ'ର ବିକାଶରେ ଭାରତର ପୁଞ୍ଜିନିବେଶ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ ।

ତ୍ରିନିଦାଦ ଓ ଟୋବାଗୋ'ର ପ୍ରଧାନମନ୍ତ୍ରୀଙ୍କୁ ମହାରାଷ୍ଟ୍ରରେ ସ୍ୱାଗତ କରି ରାଜ୍ୟପାଳ ବାଇସ୍ କହିଛନ୍ତି, ତ୍ରିନିଦାଦ ମହାନ ବ୍ୟାଟ୍ସମ୍ୟାନ୍ ବ୍ରାଏନ୍ ଲାରାଙ୍କ ଦେଶ। କୃଷି, ସ୍ୱାସ୍ଥ୍ୟସେବା, ଫାର୍ମା, ଶକ୍ତି ଏବଂ ଆଇସିଟି ଭଳି କ୍ଷେତ୍ରରେ ଅର୍ଥନୈତିକ ଭାଗିଦାରୀକୁ ଉଭୟ ଦେଶ ନୂତନ ପ୍ରୋତ୍ସାହନ ଦେବାର ଆବଶ୍ୟକତା ରହିଥିବା ରାଜ୍ୟପାଳ ପ୍ରକାଶ କରିଥିଲେ ।

## ଆଇ.ପି.ଏଲ୍.

ଆଇ.ପି.ଏଲ୍. କ୍ରିକେଟ୍‌ରେ ଗତକାଲି ଲଗାଣ ବର୍ଷା ଯୋଗୁଁ ଗୁଜରାଟ ଟାଇଟାନ୍ସ ବିପକ୍ଷ ମ୍ୟାଚ୍ ବିନା ଟସ୍‌ରେ ବାତିଲ ହେବା ପରେ ସନ୍‌ରାଇଜର୍ସ ହାଇଦ୍ରାବାଦ ଆଇପିଏଲ୍ ପ୍ଲେ ଅଫ୍ ପାଇଁ ଯୋଗ୍ୟତା ଅର୍ଜନ କରିଛି। ପ୍ଲେ ଅଫ୍‌ରେ ଚତୁର୍ଥ ତଥା ଶେଷ ସ୍ଥାନ ପାଇଁ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ଓ ଚେନ୍ନାଇ ସୁପର କିଙ୍ଗ୍ସ ମଧ୍ୟରେ ଉଦ୍ୟମ ଜାରି ରହିଛି ।

ଆଜି ମୁମ୍ବାଇ ଇଣ୍ଡିଆନ୍ସ ଓ ଲକ୍ଷ୍ନୌ ସୁପର ଜାଏଣ୍ଟସ ମଧ୍ୟରେ ମୁମ୍ବାଇର ଓ୍ୱାଙ୍ଖଡେ ଷ୍ଟାଡିୟମରେ ସନ୍ଧ୍ୟା ସାଢ଼େ ୭ଟାରେ ମୁକାବିଲା ହେବ ।

## ଅଲିମ୍ପିକ୍ସ

ପ୍ୟାରିସ୍ ଅଲିମ୍ପିକ୍ସ ୨୦୨୪ ପାଇଁ ଭାରତର ଏକ ନମ୍ବର ମହିଳା ଟେନିସ୍ ଖେଳାଳି ମନିକା ବାତ୍ରା ଓ ଶରତ କମଲ ୬ ଜଣିଆ ଭାରତୀୟ ଟେବୁଲ ଟେନିସ୍ ଦଳର ନେତୃତ୍ୱ ନେବେ। ଭାରତୀୟ ଟେବୁଲ ଟେନିସ ମହାସଂଘ ପକ୍ଷରୁ ଏହି ଘୋଷଣା କରାଯାଇଛି।

ଭାରତୀୟ ଅଲିମ୍ପିକ୍ ଟେବୁଲ ଟେନିସ୍ ଦଳ ପାଇଁ ସମସ୍ତ ୬ ଜଣ ଖେଳାଳିଙ୍କୁ ବିଶ୍ୱ ମାନ୍ୟତା ଆଧାରରେ ଚୟନ କରାଯାଇଥିଲା। ଭାରତର ଶୀର୍ଷ ମାନ୍ୟତାପ୍ରାପ୍ତ ପୁରୁଷ ଏକକ ଟେବୁଲ ଟେନିସ୍ ଖେଳାଳି ଶରତ କମଲ, ମାନବ ଠକ୍କର ଏବଂ ଜାତୀୟ ଚାମ୍ପିୟନ ହରମିତ୍ ଦେଶାଇ ପୁରୁଷ ଦଳରେ ସ୍ଥାନ ପାଇଛନ୍ତି ।

ଜ୍ଞାନ ସେକରନ ସାଥିଆନ ୬ ଜଣିଆ ଦଳରେ ସ୍ଥାନ ପାଇନଥିବା ବେଳେ ପୁରୁଷ ବର୍ଗରେ ତାଙ୍କୁ ଅତିରିକ୍ତ ଖେଳାଳୀ ଭାବେ ସ୍ଥାନ ମିଳିଛି । ମହିଳା ଦଳର ଅତିରିକ୍ତ ଖେଳାଳି ଭାବେ ଆୟିକା ମୁଖାର୍ଜୀ ସ୍ଥାନ ପାଇଛନ୍ତି।

*****